# NATIONAL NEWS BULLETIN (ODIA)

## 9 February - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ପେ ଚର୍ଚ୍ଚା-୨୦୨୬ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ଚାପ ହ୍ରାସ ନେଇ ଆଜି  ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବେ ପ୍ରଧାନମନ୍ତ୍ରୀ
- ଛତିଶଗଡ଼ର ଜଗଦଲପୁରଠାରେ ବସ୍ତର ପଣ୍ଡୁମ୍ ମହୋତ୍ସବର ଉଦ୍ଯାପନୀ ସମାରୋହରେ ଆଜି ଯୋଗଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଜାତୀୟ ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ରୂପରେଖ ପ୍ରସ୍ତୁତ କରିବାକୁ  ଭାରତ - କାନାଡା ସହମତ
- ଜାପାନ ସଂସଦୀୟ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି ପ୍ରଧାନମନ୍ତ୍ରୀ ତାକାଇଚିଙ୍କ ନେତୃତ୍ୱାଧୀନ ଶାସକ ମେଣ୍ଟ

ଏବଂ

- ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଟାଇଟଲ୍ ହାସଲ କଲା ସର୍ଭିସେସ୍ ଦଳ

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ପେ ଚର୍ଚ୍ଚା -୨୦୨୬ ନବମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବେ । ପୂର୍ବାହ୍ନ ୧୦ଟାରେ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍, ଦୂରଦର୍ଶନ, ଶିକ୍ଷାମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ୱେବ୍ସ ଓଟିଟି, ଆମାଜନ୍ ପ୍ରାଇମ୍ ଭିଡ଼ିଓ, ଜିଓ, ଜି-୫, ସୋନି ଲିଭ୍ ଏବଂ ସ୍ୱର୍ଟିଫାଏ ରେ ସିଧାପ୍ରସାରଣ କରାଯିବ । ପରୀକ୍ଷା ପାଖେଇ ଆସୁଥିବାରୁ ଛାତ୍ରଛାତ୍ରୀଙ୍କ ଉପରୁ ପରୀକ୍ଷା ଚାପ ଦୂର କରିବା, ପ୍ରସ୍ତୁତି, ସମୟ ପରିଚାଳନା ଏବଂ ଆତ୍ମବିଶ୍ୱାସର ସହ ପରୀକ୍ଷାର ସମ୍ମୁଖୀନ ହେବାକୁ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ପର୍ଯ୍ୟାୟରେ ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଗୁଜରାଟ ଦେବମୁଗ୍ରା ଏବଂ ଆସାମର ଗୁଆହାଟୀରେ ପରୀକ୍ଷା ଯୋଦ୍ଧାଙ୍କ ସହ ଭାବ ବିନିମୟ କରିବେ । ସଂସ୍କରଣ ପ୍ରଥମ ପର୍ଯ୍ୟାୟ ଗତ ୬ ତାରିଖରେ ପ୍ରସାରିତ ହୋଇଥିଲା। ଏହି ଲୋକପ୍ରିୟ ବାର୍ଷିକ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ଚଳିତ ସଂସ୍କରଣ ନିମନ୍ତେ ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ସାଢ଼େ୪କୋଟିରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଛନ୍ତି ।

## ପିଏମ୍ ମୋଦୀ-ସେଚେଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ  ସେଚେଲ୍ସ ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ୍ ହର୍ମିନିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ । ଶ୍ରୀ ହର୍ମିନି ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତକୁ ୫ ଦିନିଆ ସରକାରୀ ଗସ୍ତରେ ଆସିଥିବା ଶ୍ରୀ ହର୍ମିନି ଚେନ୍ନାଇ ଏବଂ ମୁମ୍ବାଇରେ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପରେ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ବିମାନ ବନ୍ଦରଠାରେ ତାଙ୍କୁ ସ୍ୱାଗତ କରିଛନ୍ତି।  ଦୁଇଦେଶ ମଧ୍ୟରେ କୂଟନୈତିକ ସଂପର୍କର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶ୍ରୀ ହର୍ମିନିଙ୍କ ଏହି ଗସ୍ତ ଗୁରୁତ୍ୱ ବହନ କରୁଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଶାହା-ଛତିଶଗଡ଼ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଛତିଶଗଡ଼ର ଜଗଦଲପୁରରେ ବସ୍ତର ପଣ୍ଡୁମ୍ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଶୁକ୍ରବାର ଦିନ ଏହି ମହୋତ୍ସବର ଉଦ୍‌ଘାଟନ କରିଥିଲେ । ଆଦିବାସୀ କଳା ଏବଂ ସଂସ୍କୃତି

ପ୍ରଦର୍ଶନ ପାଇଁ ଏହି ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି । ମହୋତ୍ସବ ଅବସରରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଛି । ୮୪ଟି ଦଳର ୭ଶହରୁ ଅଧିକ କଳାକାର ସେମାନଙ୍କର ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ଆଦିବାସୀ ନୃତ୍ୟ, ପାରମ୍ପରିକ ଖାଦ୍ୟ, ହସ୍ତଶିଳ୍ପ, ଚିତ୍ରକଳା, ବାଦ୍ୟଯନ୍ତ୍ର ଆଦି ୧୨ଟି ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଛି ।

## ଏନ୍‌ଏସ୍‌ଏ କାନାଡା ଭିଜିଟ୍

ଭାରତ ଓ କାନାଡା ଜାତୀୟ ସୁରକ୍ଷା ଏବଂ ଏ ସଂକ୍ରାନ୍ତ ଆଇନର କାର୍ଯ୍ୟକାରିତା ନେଇ ସହଭାଗିତା ଲକ୍ଷ୍ୟରେ ଏକ ରୂପରେଖ ପ୍ରସ୍ତୁତ କରିବାକୁ ସହମତ ହୋଇଛନ୍ତି । ଓଟାଓ୍ୱାଠାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ତାଙ୍କ କାନାଡା ପ୍ରତିପକ୍ଷ ନାଥାଲି ଡ୍ରୋଇନ୍‌ଙ୍କ ମଧ୍ୟରେ ଗତ ଶନିବାର ଦିନ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗତକାଲି ଦେଇଥିବା ସୂଚନା ଅନୁଯାୟୀ, ଉଭୟ ଦେଶ ଆଭ୍ୟନ୍ତରୀଣ ସୁରକ୍ଷା ତଥା ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି । ଉଭୟ ଦେଶ ମଧ୍ୟରେ ସୁରକ୍ଷା ଏବଂ ତତ୍‌ସଂକ୍ରାନ୍ତୀୟ ଆଇନ କାର୍ଯ୍ୟକାରିତା ନେଇ ସମନ୍ୱୟ ଅଧିକାରୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି । ବେଆଇନ ନିଶାଦ୍ରବ୍ୟ କାରବାର, ଆନ୍ତର୍ଜାତିକ ଅପରାଧ ସଂଗଠନ ଆଦି

ନେଇ ପାରସ୍ପରିକ ସୂଚନା ଆଦାନ ପ୍ରଦାନରେ ଏହା ସହାୟକ ହୋଇପାରିବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଖେଳ ନିଶା : ଯୁବବର୍ଗଙ୍କ ପାଇଁ ବୃଦ୍ଧି ପାଉଥିବା ବିପଦ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାଇବର ସୁରକ୍ଷା ବିଶେଷଜ୍ଞ ପବନ ଦୁଗଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଜାପାନ-ପିଏମ୍ ପୋଲ୍ ଓ୍ୱିନ୍

ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ନେତୃତ୍ୱାଧୀନ ଶାସକ ମେଣ୍ଟ ସଂସଦୀୟ ନିର୍ବାଚନରେ ବିଜୟ ହାସଲ କରିଛି । ନିର୍ବାଚନ ଫଳାଫଳ ସଂକ୍ରାନ୍ତ ସୂଚନାରୁ ଜଣାପଡ଼ିଛି ତାକାଇଚିଙ୍କ ଲିବରାଲ ଡେମୋକ୍ରାଟିକ୍ ପାର୍ଟି ନେତୃତ୍ୱରେ ଶାସକ ମେଣ୍ଟ ସଂସଦର ୪୬୫ଟି

ଆସନ ମଧ୍ୟରୁ ୩୫୨ଟିରେ ବିଜୟଲାଭ କରିଛି । ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ଏକାକୀ ୩୧୬ଟି ଆସନରେ ବିଜୟଲାଭ କରି ସଂଖ୍ୟାଗରିଷ୍ଠତା ହାସଲ କରିଛି । ବିଜୟ ପରେ ଏକ ଟେଲିଭିଜନ ସାକ୍ଷାତକାରରେ ତାକାଇଚି କହିଛନ୍ତି, ବିରୋଧୀଙ୍କ ସମର୍ଥନ ସହିତ ତାଙ୍କର ନୀତିଗତ ଇସ୍ତାହାରକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଜୟ ପାଇଁ ଜାପାନ ପ୍ରତିପକ୍ଷ ତାକାଇଚିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି । ତାକାଇଚିଙ୍କ ନେତୃତ୍ୱରେ ଦ୍ୱିପାକ୍ଷିକ ସଂପର୍କ ଅଧିକ ସୁଦୃଢ଼ ହେବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

## ଇସିଆଇ-ଡବ୍ଲୁବି

ପଶ୍ଚିମବଙ୍ଗରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ଥାୟୀ ବାସନ୍ଦା ପ୍ରମାଣପତ୍ର ନିର୍ଦ୍ଧାରିତ କାଗଜପତ୍ର ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ କମିଶନଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ତେବେ ୧୯୯୯ ମସିହା ନଭେମ୍ବର ୨ ତାରିଖରେ ରାଜ୍ୟ

ସରକାରଙ୍କ ବିଜ୍ଞପ୍ତି ତଥା ପରବର୍ତ୍ତୀ ନିର୍ଦ୍ଦେଶାବଳୀ ଆଧାରିତ ବାସସ୍ଥାନ କିମ୍ବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏଥିପାଇଁ ଗ୍ରହଣଯୋଗ୍ୟ ବୋଲି କମିଶନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପ୍ରମାଣପତ୍ରକୁ ଗ୍ରହଣ କରିବାକୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ସବ୍‌ଡିଭିଜନାଲ୍ ଅଧିକାରୀ ଏବଂ କୋଲ୍‌କାତା ଜିଲ୍ଲାପାଳ ଅନ୍ତର୍ଭୁକ୍ତ । କମିଶନ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ ହୋଇଥିବା ନିର୍ଦ୍ଦେଶାବଳୀ ଆଧାରରେ ଏହି ପ୍ରମାଣପତ୍ର ଜାରି ହୋଇଥିବା ଅନିବାର୍ଯ୍ୟ ।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ୍

ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ସର୍ଭିସେସ୍ ଦଳ ଟାଇଟଲ୍ ହାସଲ କରିଛି । ଆସାମର ଧକୁଆଖାନାଠାରେ ଗତକାଲି ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସର୍ଭିସେସ୍ ୧-୦ ଗୋଲ୍‌ରେ କେରଳକୁ ପରାସ୍ତ କରି ଏହି ସଫଳତା ପାଇଛି । ଏହି ବିଜୟ ସହ ସର୍ଭିସେସ୍ ଅଷ୍ଟମଥର ପାଇଁ ସନ୍ତୋଷ ଟ୍ରଫି ଚମ୍ପିୟାନ୍ ହୋଇଛି ।

# କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇଛି । କଲମ୍ବୋଠାରେ ଖେଳାଯାଇଥିବା ଗ୍ରୁପ୍-ବି ପର୍ଯ୍ୟାୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଆୟାରଲ୍ୟାଣ୍ଡକୁ ୨୦ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଆୟାରଲ୍ୟାଣ୍ଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୬୩ ରନ୍ ସଂଗ୍ରହ କରିଥିଲା । ୧୬୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆୟାରଲ୍ୟାଣ୍ଡ ୧୯ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରିଥିଲା ।

ଗତକାଲି ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ଇଂଲଣ୍ଡ ନେପାଳକୁ ୪ ରନ୍‌ରେ ଏବଂ ନ୍ୟୁଜିଲ୍ୟାଣ୍ଡ ଆଫଗାନିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରିଛି ।

ଆଜି ପୂର୍ବାହ୍ନ ୧୧ଟାରେ କୋଲ୍‌କାତାଠାରେ ସ୍କଟ୍‌ଲ୍ୟାଣ୍ଡ ଏବଂ ଇଟାଲୀ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ କଲମ୍ବୋଠାରେ ଜିମ୍ବାୱେ ଏବଂ ଓମାନ୍ ମଧ୍ୟରେ ଓ ତୃତୀୟ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଅହମ୍ମଦାବାଦଠାରେ ଦକ୍ଷିଣ ଆଫ୍ରିକା ଓ କାନାଡା ମଧ୍ୟରେ ଖେଳାଯିବ ।